ଜାଆଁଳ ବଞ୍ଚିବା ପାଇଁ ଛୋଟ ନର୍ସରୀ ବନ୍ଧ ଗୁଡ଼ିକରେ ଏକର ପିଛା ପ୍ରାୟ ୧୦ ଡିସିମିଲି ଆକାରର ଗୋଟିଏ ଚାରିକୋଣିଆ ବାଉଁଶ ଫ୍ରେମ୍ କରି ସେଥିରେ ପାଣି ଉପରେ ଭାସି ପାରୁଥିବା ଦଳ ଯଥା କଲିକତି ଦଳ କିମ୍ବା ଚିଙ୍ଗୁଡ଼ିଆ ଦଳ ବିଛେଇ ପକାଯାଏ । ଛୋଟ ନର୍ସରୀ ବନ୍ଧରେ ଚିଙ୍ଗୁଡ଼ି ଭଲ ବଢ଼ିବା ପାଇଁ ଦିନକୁ ପ୍ରାୟ ୮ ଘଣ୍ଟା ସମୟ ପାଇଁ ଏରେଟର ଚଲାଇ ଅମ୍ଳଜାନ ପାଣି ଭିତରେ ଯୋଗାଯାଏ । ପ୍ରତି ୧୫ ଦିନ ପରେ ଛୋଟ ନର୍ସରୀ ବନ୍ଧଗୁଡ଼ିକରୁ ଚିଙ୍ଗୁଡ଼ି ଜାଆଁଳ ଖେପା ଜାଲ ଦ୍ୱାରା ଧରି ତାଙ୍କର ଶରୀର କେତେ ପରିମାଣରେ ବଢ଼ିଛି, ତାହା ପରୀକ୍ଷା କରାଯାଏ ଏବଂ ବନ୍ଧରେ ପାଣିର ପରିମାଣକୁ ୪ ଫୁଟ ପର୍ଯ୍ୟନ୍ତ ରଖାଯାଏ । ନର୍ସରୀ ବନ୍ଧରେ ଚିଙ୍ଗୁଡ଼ି ଜାଆଁଳ ବଢ଼େଇବା ସମୟରେ ପ୍ରତି ଦିନ ପାଣିର ତାପମାତ୍ରା, ଅମ୍ଳତା ବା କ୍ଷାରତ୍ୱ (PH) ଦ୍ରବୀଭୂତ ଅମ୍ଳଜାନ, ପାଣିର ସ୍ୱଚ୍ଛତା ଇତ୍ୟାଦି ପରୀକ୍ଷା କରି ଉପଯୁକ୍ତ ମାତ୍ରାରେ ରଖିବା ପାଇଁ ପଦକ୍ଷେପ ନେବାକୁ ପଡ଼ିଥାଏ । ଛୋଟ ଚିଙ୍ଗୁଡ଼ି ଜାଆଁଳ ମାନଙ୍କୁ ୨ ମାସ ଧରି ନର୍ସରୀ ବନ୍ଧରେ ବଢ଼େଇବା ପରେ ନର୍ସରୀ ବନ୍ଧର ପାଣିକୁ ଭଲ ରୂପେ ନିଷ୍କାସନ କରି ବଡ଼ ଚିଙ୍ଗୁଡ଼ି ଜାଆଁଳ ଧରାଯାଏ ଏବଂ ବଢ଼େଇବା ପାଇଁ ବଡ଼ ବନ୍ଧରେ ଛଡ଼ାଯାଏ ।

### ବଡ଼ ବନ୍ଧରେ ଚିଙ୍ଗୁଡ଼ି ଚାଷର ପରିଚାଳନା

ନର୍ସରୀ ବନ୍ଧରେ ବଢ଼ିଥିବା ଜାଆଁଳ ମାନଙ୍କୁ ଧରି ଆଣି ବଡ଼ ବନ୍ଧରେ ଏକର ପିଛା ୨୦,୦୦୦ ସଂଖ୍ୟକ ବଡ଼ ଚିଙ୍ଗୁଡ଼ି ଜାଆଁଳ ଛଡ଼ାଯାଏ । ଜାଆଁଳ ଛାଡ଼ିବାର ପ୍ରଥମ ୧ ମାସ ପର୍ଯ୍ୟନ୍ତ ୨ କେ.ଜି. ପରିମାଣର ବଜାରରେ ମିଳୁଥିବା ଚିଙ୍ଗୁଡ଼ିର ବଡ଼ଦାନା ଖାଦ୍ୟ ବନ୍ଧର ଚାରିଆଡ଼େ ଦିଆଯାଏ । ଚିଙ୍ଗୁଡ଼ି ଖାଦ୍ୟ ଖାଉଛନ୍ତି କି ନାହିଁ ଜାଣିବା ପାଇଁ ଚିଙ୍ଗୁଡ଼ି ମାନଙ୍କୁ ଥାଳିରେ ଖାଦ୍ୟ ଦେଇ ପରୀକ୍ଷା କରାଯାଏ ଏବଂ ପରୀକ୍ଷାର ରିପୋର୍ଟ ଅନୁସାରେ ଖାଦ୍ୟର ପରିମାଣ ବଢ଼ାଯାଏ ବା କମାଯାଏ । ନର୍ସରୀ ବନ୍ଧ ଭଳି ବଡ଼ ବନ୍ଧରେ ଚିଙ୍ଗୁଡ଼ି ଚାଷ କଲାବେଳେ ପାଣିର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଗୁଣାବଳୀ ଯଥା ପାଣିର ତାପମାତ୍ରା, ଅମ୍ଳତ୍ୱ ବା କ୍ଷାରତ୍ୱ (PH), ଦ୍ରବୀଭୂତ ଅମ୍ଳଜାନ, ପାଣିର ସ୍ୱଚ୍ଛତା ଇତ୍ୟାଦି ପରୀକ୍ଷା କରି ଉପଯୁକ୍ତ ମାତ୍ରାରେ ରଖାଯାଏ । ସବୁବେଳେ ପାଣିର ଗଭୀରତା ୪ ଫୁଟ ରହିବା ଆବଶ୍ୟକ । ପ୍ରତି ମାସରେ ବଡ଼ ଚିଙ୍ଗୁଡ଼ି ମାନଙ୍କୁ ଧରି ବିକ୍ରି କଲେ ଛୋଟ ଚିଙ୍ଗୁଡ଼ି ବଢ଼ିବାରେ ସାହାଯ୍ୟ ହୋଇଥାଏ ଏବଂ ବହୁତ ଆର୍ଥିକ ଲାଭ ମଧ୍ୟ ମିଳିଥାଏ । କମ୍ ପାଣି, କମ୍ ଅମ୍ଳଜାନ, ମାତ୍ରାଧିକ ପ୍ଲାଙ୍କଟନ୍, ମଇଳା ପାଣି ଯୋଗୁଁ ଚିଙ୍ଗୁଡ଼ି ଯେପରି ନ ମରେ, ସେଥ ପାଇଁ ସତର୍କମୂଳକ ପଦକ୍ଷେପମାନ ସବୁବେଳେ ଧ୍ୟାନ ଦେବା ଆବଶ୍ୟକ । ଏହିସବୁ ସମସ୍ୟା ଦେଖାଗଲେ ପାଣିର ଅବସ୍ଥାକୁ ଦେଖି ସଂଗେ ସଂଗେ ନୂଆ ସଫା ପାଣି ଏବଂ ପାଣିରେ ଏରେଟର୍ ଦ୍ୱାରା ଅମ୍ଳଜାନ ଦେଇ ଚିଙ୍ଗୁଡ଼ି ମରିବାରୁ ଉଦ୍ଧାର କରାଯାଇ ପାରିବ । ବନ୍ଧରେ ଯେପରି ଶିଉଳି ନ ପଡ଼େ, ସେଥିଲାଗି ଯତ୍ନ ନେଇ ଉପଯୁକ୍ତ ମାତ୍ରାର ସାର ପ୍ରୟୋଗ କରିବା ନିହାତି ଆବଶ୍ୟକ । ୮ ମାସ ଚିଙ୍ଗୁଡ଼ି ଚାଷ କଲାପରେ ଚିଙ୍ଗୁଡ଼ି ଧରି ବଜାରରେ ବିକ୍ରୀ କରିଦିଆଯାଏ ।

### ଚିଙ୍ଗୁଡ଼ି ଲୁଚିବା ପାଇଁ ନଳର ବ୍ୟବସ୍ଥା

ଚିଙ୍ଗୁଡ଼ିମାନେ ଭଲ ବଢ଼ିବା ପାଇଁ ଖୋଳପା ଛାଡ଼ିଥାନ୍ତି । ଖୋଳପା ଛାଡ଼ିଲାବେଳେ ଦେହ ଖୁବ୍ ନରମ ଥାଏ । ସେହି ସମୟରେ ସେମାନେ ଅନ୍ୟ ଚିଙ୍ଗୁଡ଼ିଙ୍କ ଠାରୁ ଦୂରରେ ବା ଲୁଚି ରହିବାକୁ ଚାହାଁନ୍ତି । ସେଥିପାଇଁ ଚିଙ୍ଗୁଡ଼ି ଚାଷ ପୋଖରୀରେ ଛୋଟ ଛୋଟ ଖଣ୍ଡ ପ୍ଲାଷ୍ଟିକ ନଳା ବା ମାଟି ନଳା ତିନି/ଚାରି ଗୋଟିକୁ ଏକାଠି ବାନ୍ଧି, ଏହିଭଳି ବନ୍ଧା ଯାଇଥିବା ନଳାକୁ ଏକର ପିଛା ୩୦ ରୁ ୪୦ ଗୋଟି ସ୍ଥାନରେ ପକାଯାଇଥାଏ ।

### ଅମଳ ଉପାୟ ଏବଂ ଆୟ ବ୍ୟୟର ହିସାବ

ପୋଖରୀ ପଙ୍କକୁ ଲଗାଇ ଯଦି ମଶାରୀ ଜାଲକୁ ଘୋଷାଡ଼ି ଟଣାଯାଏ, ତା'ହେଲେ ପ୍ରାୟ ଚିଙ୍ଗୁଡ଼ି ଧରା ପଡ଼ିଯିବେ । ନତୁବା ପୋଖରୀରୁ ପାଣି ନିଷ୍କାସନ କରିବା ବା ସ୍ଲୁଇସ୍‌ଗେଟ୍‌ର ବ୍ୟବହାର ମଧ୍ୟ କରାଯାଇପାରେ । ଏକର ପିଛା ସର୍ବାଧିକ ପ୍ରାୟ ୫୦,୦୦୦ ଟଙ୍କା ବ୍ୟୟ କରି ପାଣି ଓ ମାଟିର ଅବସ୍ଥାକୁ ଦେଖି ଉପରୋକ୍ତ ପ୍ରଣାଳୀରେ ଚିଙ୍ଗୁଡ଼ି ଚାଷ କଲେ ଅନ୍ୟୁନ ୭୦,୦୦୦ ଟଙ୍କା ନେଟ୍ ଲାଭ ମିଳିପାରିବ ।

# ମଧୁର ପାଣି ଚିଙ୍ଗୁଡ଼ି ଚାଷର ପ୍ରଣାଳୀ




ଲେଖିକା

କୁମାରୀ ରଶ୍ମିପ୍ରଭା ମିଶ୍ର

କାର୍ଯ୍ୟକ୍ରମ ସହଯୋଗୀ (ମତ୍ସ୍ୟ ବିଜ୍ଞାନ)

ମୁଖ୍ୟ ସଂପାଦକ

ଶ୍ରୀ ନିରଞ୍ଜନ ଦାସ

କାର୍ଯ୍ୟକ୍ରମ ସଂଯୋଜକ



କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ

କ୍ଷାରୀ ପାଣି ବାଗଦା ଚିଙ୍ଗୁଡ଼ି ଭଳି ମଧୁର ପାଣି ଚିଙ୍ଗୁଡ଼ି "ଚାଟରା" (ସ୍କାମ୍ପି)ର ଚାହିଦା ଆମ ଦେଶ ତଥା ବିଦେଶ ବଜାରରେ ବହୁତ ରହିଛି । ପ୍ରକ୍ରିୟାକରଣ ଉଦ୍ୟୋଗଗୁଡ଼ିକ ଚାଷିମାନଙ୍କ ଠାରୁ ସିଧାସଳଖ ଏହା କିଣି ନେଇଥାନ୍ତି । ଏହି ମଧୁର ପାଣି ଚିଙ୍ଗୁଡ଼ି ଗୁଡ଼ିକର ବିଭିନ୍ନ ଗୁଣ ଯଥା ଦ୍ରୁତ ଶରୀର ବର୍ଦ୍ଧନକାରୀ କ୍ଷମତା, ବଜାରରେ ଅଧିକ ବିକ୍ରି ମୂଲ୍ୟ ଏବଂ ଅନ୍ୟାନ୍ୟ ମାଛମାନଙ୍କ ସହ ସମ ଜଳାଶୟରେ ବଢ଼ିପାରୁଥିବା କ୍ଷମତା ଥିବା ଯୋଗୁଁ ଆମ ଦେଶର ଚାଷୀମାନେ ବିଭିନ୍ନ ଅନ୍ତଃସ୍ଥଳୀୟ ପୋଖରୀ ବା ବନ୍ଧମାନଙ୍କରେ ଚିଙ୍ଗୁଡ଼ି ଚାଷ ବହୁତ ପରିମାଣରେ କଲେଣି । ଏପରିକି ଚିଙ୍ଗୁଡ଼ିମାନଙ୍କୁ ଧାନ ଓ ମାଛ ସହିତ ସମନ୍ୱିତ ଚାଷ କରାଯାଇ ପାରିବ । ଏକର ପିଛା ଅନ୍ୟୁନ ୫ କ୍ୱିଣ୍ଟାଲ ଚିଙ୍ଗୁଡ଼ି ମଧୁର ପାଣି ପୋଖରୀରୁ ଉତ୍ପନ୍ନ କରାଯାଇପାରିବ । ତା'ପରେ ଯେଉଁ ପୋଖରୀ ଗୁଡ଼ିକରେ ଅଳ୍ପଦିନ ପାଇଁ ପାଣି ରୁହେ, ସେଗୁଡ଼ିକରେ ମଧ୍ୟ ଏହି ଚିଙ୍ଗୁଡ଼ି ଚାଷ କରି ୫ରୁ ୬ ମାସ ମଧ୍ୟରେ ଅମଳ କରିହେବ, ଏହି ଚାଷ ୫-୧୫ ପି.ପି.ଟି ଲବଣାଂଶ ଥିବା ବା ବାଗଦା ଚିଙ୍ଗୁଡ଼ି ଚାଷ ପାଇଁ ଉଦ୍ଦିଷ୍ଟ ପୋଖରୀ ଗୁଡ଼ିକରେ ମଧୁର ଜଳ ପୂରାଇ ଚାଷ କରାଯାଇପାରିବ । ମଧୁର ଜଳ ଚିଙ୍ଗୁଡ଼ି ରପ୍ତାନୀଯୋଗ୍ୟ ହୋଇଥିବାରୁ ଏହା ମଳ ଜୀବାଣୁ (E.Coli) ଓ ଖାଦ୍ୟରେ ବିଷ ସୃଷ୍ଟି କରୁଥିବା ଜୀବାଣୁ (Salmonella) ରହିତ ହେବା ଆବଶ୍ୟକ । ଏଣୁ ଏହି ଚାଷରେ ଜୈବିକ ସାର ଆକାରରେ କଞ୍ଚାଗୋବର ଆଦି ବ୍ୟବହାର କରିବା ଅନୁଚିତ୍ ଏବଂ ଚାଷ ପୂର୍ବରୁ ପାଣିରେ ବ୍ଲିଚିଂ ପାଉଡର ପ୍ରୟୋଗ କରାଯିବା ବିଧେୟ ।

ସାଧାରଣତଃ ଚିଙ୍ଗୁଡ଼ି ଚାଷ ଦୁଇଟି ସୋପାନରେ କରାଯାଏ । ପ୍ରଥମ ସୋପାନରେ ଚିଙ୍ଗୁଡ଼ି ଜାଆଁଳଗୁଡ଼ିକ ଦୁଇ ମାସ ପାଇଁ ନର୍ସରୀ ପୋଖରୀରେ ବଢ଼ାଯାଏ ଏବଂ ଦ୍ୱିତୀୟ ସୋପାନରେ ନର୍ସରୀରୁ ଚିଙ୍ଗୁଡ଼ି ନେଇ ବଡ଼ ପୋଖରୀରେ ଛଅ (୬) ମାସ ପାଇଁ ବଡ଼ କରାଯାଏ । ଏହି ଦୁଇଟି ସୋପାନରେ ଚିଙ୍ଗୁଡ଼ି ଚାଷ କରିବା ପାଇଁ ନିମ୍ନଲିଖିତ ଯତ୍ନମାନ ନେବାକୁ ପଡ଼ିଥାଏ । ଯଥା :- ଚିଙ୍ଗୁଡ଼ି ଜାଆଁଳ ସଂଗ୍ରହ ପୋଖରୀ ପ୍ରସ୍ତୁତିକରଣ, ପୋଖରୀରେ ପ୍ରୋବାୟୋଟିକ (Probiotic)ର ବ୍ୟବହାର, ପାରମ୍ପରିକ ଗ୍ରୋବାୟୋଟିକ୍ (Grow-biotic)ର ବ୍ୟବହାର, ଚିଙ୍ଗୁଡ଼ି ଜାଆଁଳ ଛାଡ଼ିବା ପରିମାଣ, ଖାଦ୍ୟ ପରିଚାଳନା, ମାସିକ ଖତସାର ପରିଚାଳନା, ଚିଙ୍ଗୁଡ଼ି ଲୁଚିବା ପାଇଁ ନଳର ବ୍ୟବସ୍ଥା ଏବଂ ଅଧିକ ଚିଙ୍ଗୁଡ଼ି ଅମଳ କରିବାର ଉପାୟ ଇତ୍ୟାଦି ।

## ଚିଙ୍ଗୁଡ଼ି ଜାଆଁଳ ସଂଗ୍ରହ

ନଦୀ ମୁହାଣରୁ ଧରାଯାଉଥିବା ଜାଆଁଳ ବିଶୁଦ୍ଧ ନୁହେଁ, ବେଳେବେଳେ ଏଥିରେ ବିଭିନ୍ନ ପ୍ରଜାତିର ଚିଙ୍ଗୁଡ଼ି ଜାଆଁଳ ମିଶି ରହିଥାନ୍ତି । ଏଡି ଜାଆଁଳ ପୋଖରୀରେ ଅସମାନ ଭାବେ ବଢ଼ନ୍ତି । ବଡ଼ ଜାଆଁଳ ଛୋଟ ଜାଆଁଳକୁ ଖୋଳପା ଛାଡ଼ିବା ସମୟରେ ଖାଇଥାନ୍ତି । ଅମଳ କରିବା ସାଙ୍ଗରେ ଲାଭ ମଧ୍ୟ କମିଯାଏ । ଏଣୁ କୌଣସି ଏକ ଉପଯୁକ୍ତ ହ୍ୟାଚେରୀରୁ ପି.ଏଲ୍. (post-larvae) ଆକାରର ଜାଆଁଳ ଆଣି ନର୍ସରୀ ପୋଖରୀରେ (୧ ମାସ-୨ ମାସ) ରଖି ତା'ପରେ ଚାଷ ପୋଖରୀରେ ଛାଡ଼ିବା ଉଚିତ୍ । ଏକ ଏକର ଚିଙ୍ଗୁଡ଼ି ଚାଷ ପୋଖରୀ ପାଇଁ ୨୦ ଡିସିମିଲି ବିଶିଷ୍ଟ ଏକ ନର୍ସରୀ ପୋଖରୀ ରହିବା ଆବଶ୍ୟକ । ଏହି ନର୍ସରୀରେ ପଚାଶରୁ ଷାଠିଏ ହଜାର ପର୍ଯ୍ୟନ୍ତ ପି.ଏଲ୍. ରଖି ଉପଯୁକ୍ତ ପରିଚାଳନା କରି ମାସକ ପରେ ପଚିଶରୁ ତିରିଶ ହଜାର ପର୍ଯ୍ୟନ୍ତ ଶିଶୁ ଚିଙ୍ଗୁଡ଼ି (୩-୪ ସେ.ମି.) ଉତ୍ପାଦନ କରିହେବ ।

## ପୋଖରୀ ପ୍ରସ୍ତୁତିକରଣ :

ଚାଷ ଆରମ୍ଭ କରିବା ପୂର୍ବରୁ ବନ୍ଧର ପ୍ରସ୍ତୁତିକରଣ ନିହାତି ଆବଶ୍ୟକ । ବନ୍ଧର ହୁଡ଼ାକୁ ମରାମତି କରି ଦୃଢ଼ କରାଯିବା ଆବଶ୍ୟକ । ବନ୍ଧ ବା ପୋଖରୀରେ ଥିବା ପାଣିକୁ ସଂପୂର୍ଣ୍ଣ ରୂପେ ନିଷ୍କାସନ କରି ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ପୋଖରୀକୁ ଶୁଖିଲା ରଖି ବନ୍ଧରେ ଥିବା ଆବଶ୍ୟକ ମାଛ ଓ ଅନ୍ୟାନ୍ୟ ଜଳଜୀବକୁ ମାରି ଦିଆଯାଏ । ମାଟିର ଅମ୍ଳତ୍ୱ ଓ କ୍ଷାରତ୍ୱ ପରୀକ୍ଷା କରି ଏକର ପିଛା ୧୦୦ କେ.ଜି. ଚୂନ ପକାଯାଏ । ମାଟି ଯଦି ଅଧିକ ଅମ୍ଳ ଥାଏ ତେବେ ଚୂନର ପରିମାଣ ବଢ଼େଇ ଦିଆଯାଏ । ତା'ପରେ ଜାଲିଯୁକ୍ତ (୧୦୦-mesh) ପ୍ରବେଶ ନଳୀ ମାଧ୍ୟମରେ ବନ୍ଧ ଭିତରକୁ ୨ ଫୁଟର ପାଣି ଭର୍ତ୍ତି କରିବାକୁ ପଡ଼େ । ପ୍ରବେଶ ନଳୀରେ ଜାଲି ଲଗେଇବା ଦ୍ୱାରା ବାହାରରୁ ଅନାବଶ୍ୟକ ଜୀବ ଓ ତାଙ୍କର ଅଣ୍ଡା ଭିତରକୁ ପ୍ରବେଶ କରିପାରିବ ନାହିଁ । ବନ୍ଧରେ ୨ ଫୁଟ ପାଣି ଭର୍ତ୍ତି କରିବା ପରେ ଉପଯୁକ୍ତ ମାତ୍ରାର ଗୋବର, ସୁପର ସାର ଇତ୍ୟାଦି ପ୍ରୟୋଗ କରାଯାଏ । ସାଧାରଣତଃ ପାଣିର ଅବସ୍ଥା ଦେଖି ଏଖର ପିଛା ୨୦ କ୍ୱିଣ୍ଟାଲ୍ ଗୋବର, ୧୦୦ କେ.ଜି. ୟୁରିଆ ଓ ୧୦୦ କେ.ଜି. ସୁପର୍ ପ୍ରୟୋଗ କରାଯାଏ । ସାର ପ୍ରୟୋଗ କରିବାର ଏକ ସପ୍ତାହ ପରେ ବନ୍ଧରେ ୪ ଫୁଟ ପର୍ଯ୍ୟନ୍ତ ପାଣି ଭର୍ତ୍ତି କରାଯାଏ । ପାଣି ପୂରେଇବାର ୨-୩ ଦିନ ପରେ ପାଣିର ସ୍ୱଚ୍ଛତା (ସେଚି ଡିସ୍କ ଦ୍ୱାରା) ସକାଳେ କିମ୍ବା ସନ୍ଧ୍ୟାବେଳେ ପରୀକ୍ଷା କରି ଚିଙ୍ଗୁଡ଼ି ଜାଆଁଳ ଛାଡ଼ିବା ପାଇଁ ସ୍ଥିର କରାଯାଏ । ଚିଙ୍ଗୁଡ଼ି ଚାଷ ପାଇଁ ପାଣିର ସ୍ୱଚ୍ଛତା ସାଧାରଣତଃ ଭାବେ ୩୦-୩୫ ରହିବା କଥା ।

## ପୋଖରୀରେ ପ୍ରୋବାୟୋଟିକ୍‌ର ବ୍ୟବହାର

ଜାଆଁଳ ଛାଡ଼ିବା ପୂର୍ବରୁ ପୋଖରୀ ଜଳ ପରିବେଶରେ କେତେକ ହୀତକାରି ଜୀବାଣୁ ଯଥା : ଲାକ୍ଟୋବାସିଲସ୍, ସାକାରୋମାଇସେସ୍ ପ୍ରଭୃତିର ବଂଶବୃଦ୍ଧି ପାଇଁ ସେମାନଙ୍କର ସିଧାସଳଖ ତରଳ କଲଚର କିମ୍ବା ବୀଜକଣା (spore) ଗୁଣ୍ଡକୁ ପୋଖରୀ ପାଣିରେ ଅନୁମୋଦିତ ମାତ୍ରାରେ ପକାଯାଇଥାଏ । ଏହି ଜୀବାଣୁ ଗୁଡ଼ିକ ଅନୁକୂଳ ପରିସ୍ଥିତି ପାଇ ଦ୍ରୁତଗତିରେ ବଂଶ ବିସ୍ତାର କରିଥାନ୍ତି । ଯାହା ଫଳରେ କି ପାଣିରେ ଅନ୍ୟ ହାନିକାରକ ଜୀବାଣୁ ପଶି ଉଧାଇ ପାରନ୍ତି ନାହିଁ ।

## ପୋଖରୀରେ ଗ୍ରୋବାୟୋଟିକ୍‌ର ବ୍ୟବହାର

ପୋଖରୀ ପରିବେଶରେ ହିତକାରୀ ଜୀବାଣୁ ବଂଶ ବିସ୍ତାର କରି ରହିଲା ଭଳି ଯଦି ଚିଙ୍ଗୁଡ଼ି ଶରୀରର ଖାଦ୍ୟନଳୀ (gut) ମଧ୍ୟରେ ଏଭଳି ଜୀବାଣୁ ବଂଶ ବିସ୍ତାର କରି ରୁହନ୍ତି ତା'ହେଲେ ଅନ୍ୟ ରୋଗ ସୃଷ୍ଟିକାରୀ ଜୀବାଣୁ, ଚିଙ୍ଗୁଡ଼ିକୁ ଖାଦ୍ୟ ଦ୍ୱାରା ସଂକ୍ରମଣ କରିପାରେ ନାହିଁ । ଏହାଦ୍ୱାରା ଚିଙ୍ଗୁଡ଼ି ନିରୋଗ ରହିବା ସହ ଏହାର ଖାଦ୍ୟ ପାଚନ କ୍ରିୟା ମଧ୍ୟ ବୃଦ୍ଧି ପାଇଥାଏ ।

## ଚିଙ୍ଗୁଡ଼ି ଜାଆଁଳ ଛାଡ଼ିବା ପରିମାଣ

ପୋଖରୀ ପ୍ରସ୍ତୁତି ସରିଲା ପରେ ନର୍ସରୀ ପୋଖରୀରୁ ମଶାରୀ ଜାଲ ସାହାଯ୍ୟରେ ଶିଶୁ ଚିଙ୍ଗୁଡ଼ି (Juvenile) ଗୁଡ଼ିକୁ ଧରାଯାଇ ଚାଷ ପୋଖରୀରେ ଏକର ପିଛା ପଚିଶରୁ ତିରିଶ ହଜାର ପର୍ଯ୍ୟନ୍ତ ସଂଖ୍ୟାରେ ଛଡ଼ାଯାଇଥାଏ ।

## ଛୋଟ ନର୍ସରୀ ବନ୍ଧରେ ଚିଙ୍ଗୁଡ଼ି ଜାଆଁଳ ଚାଷର ପରିଚାଳନା

ଛୋଟ ନର୍ସରୀ ବନ୍ଧର ପ୍ରସ୍ତୁତିକରଣ ପରେ ଜାଆଁଳ ଉତ୍ପାଦନ କେନ୍ଦ୍ରଗୁଡ଼ିକରୁ ଉନ୍ନତ କିସମର ଚିଙ୍ଗୁଡ଼ି ଜାଆଁଳ ଆଣି ଏକର ପିଛା ୮୦,୦୦୦ ସଂଖ୍ୟକ ଜାଆଁଳ ନର୍ସରୀ ବନ୍ଧରେ ଛଡ଼ାଯାଏ । ଜାଆଁଳ ଛାଡ଼ିବାର ପ୍ରଥମ ୧୫ ଦିନ ପର୍ଯ୍ୟନ୍ତ ବଜାରରେ ମିଳୁଥିବା ଗୁଣ୍ଡ ଖାଦ୍ୟ ପ୍ରାୟ ୧ କେ.ଜି. ପରିମାଣର ପ୍ରତିଦିନ ଦିଆଯାଏ । ପ୍ରଥମ ୧୫ ଦିନ ପରେ ଚିଙ୍ଗୁଡ଼ି ଜାଆଁଳ ମାନଙ୍କୁ ଅଧା କେ.ଜି. ପରିମାଣର ଖାଦ୍ୟ ପରବର୍ତ୍ତୀ ଦେଢ଼ ମାସ ପର୍ଯ୍ୟନ୍ତ ପ୍ରତିଦିନ ଦିଆଯାଏ । ପ୍ରତିଦିନ ଚିଙ୍ଗୁଡ଼ି ଜାଆଁଳ ମାନଙ୍କୁ ସାଧାରଣତଃ ସକାଳେ ଓ ସନ୍ଧ୍ୟାବେଳେ ୨ ଥର ଖାଦ୍ୟ ଦିଆଯାଏ । ବହୁତ ସଂଖ୍ୟାରେ ଚିଙ୍ଗୁଡ଼ି